ଧରିତ୍ରୀ
DHARITRI
ବାଲେଶ୍ୱର, ବୁଧବାର, ସେପ୍ଟେମ୍ବର ୪/୨୦୧୯ (୧୬ ପୃଷ୍ଠା+ସାହିତ୍ୟାୟନ) Balasore, Wednesday, September 4/2019 ★★★★
୪୫ଶ ଭାଗ ୨୮୦ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-



## ଟି୨୦ରୁ ମିଥାଲିଙ୍କ ଅବସର

ଭାରତର ସିନିୟର ମହିଳା କ୍ରିକେଟର ମିଥାଲି ରାଜ୍ ଅନ୍ତର୍ଜାତୀୟ ଟି୨୦ କ୍ରିକେଟରୁ ତାଙ୍କ ଅବସର ଘୋଷଣା କରିଛନ୍ତି।

୧୪ ୦୯

## 'ପଲ୍ ପଲ୍ ଦିଲ୍ କେ ପାସ୍'ରେ କରନ ଦେଓଲ

'ପଲ୍ ପଲ୍ ଦିଲ୍ କେ ପାସ୍'ରେ ଅଭିନୟ ଜୀବନ ଆରମ୍ଭ କରି ବଲିଉଡରେ ପଦାର୍ପଣ କରିବାକୁ ଯାଉଛନ୍ତି ସନ୍ନି ଦେଓଲଙ୍କ ପୁତ୍ର କରନ।



# ୩୦ବର୍ଷ ପରେ ଘରକୁ ଫେରିଲେ ମହିଳା



ଚାରିଟେବୁଲ ଟ୍ରଷ୍ଟର ଦୁଇ ମହିଳାଙ୍କ ସହ ସୁମିତ୍ରାଙ୍କୁ ଗ୍ରାମବାସୀ ସ୍ୱାଗତ କରୁଛନ୍ତି।

**ବାରିପଦା ଅଫିସ,୩।୯**

ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଅଧୀନ ପାରିଆକୁଲି ଗ୍ରାମର ଜନୈକା ମହିଳା ନିଖୋଜ ହେବାର ଦୀର୍ଘ ୩୦ବର୍ଷ ପରେ ଘରକୁ ଫେରିଛନ୍ତି। ମହିଳା ଜଣକ ହେଲେ ଗଣେଶ୍ୱର ବେହେରାଙ୍କ ପତ୍ନୀ ସୁମିତ୍ରା (୬୫) । ମାନସିକ ବିକୃତିର ଶିକାର ହୋଇ ସେ ଘର ଛାଡି କେଉଁଆଡେ ଚାଲି ଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି କୌଣସି ସନ୍ଧାନ ପାଇ ନ ଥିଲେ। ଦୀର୍ଘ ବର୍ଷ ପରେ ସେ ଘରକୁ ସୁସ୍ଥ ହୋଇ ଫେରି ଆସିଥିବାରୁ ପରିବାର ଲୋକଙ୍କ ଖୁସିର ସୀମା ନାହିଁ। ଗ୍ରାମବାସୀ ସୁମିତ୍ରାଙ୍କ ସମେତ ତାଙ୍କୁ ଘରେ ଛାଡିବାକୁ ଆସିଥିବା ଓଡ଼ିଶା ଶାଖା ଶ୍ରଦ୍ଧା ଚାରିଟେବୁଲ ଟ୍ରଷ୍ଟର ୨ ଜଣଙ୍କୁ ଫୁଲଚନ୍ଦନ ଦେଇ ସ୍ୱାଗତ କରିଛନ୍ତି।

ପରିବାର ଲୋକେ କହିଛନ୍ତି, ବିବାହ ପୂର୍ବରୁ ଓ ପରେ ସେ ସୁସ୍ଥ ଥିଲେ ଓ ଦୁଇଟି ସନ୍ତାନର ଜନନୀ ହୋଇଥିଲେ। ୧୯୭୪ରେ ମାନସିକ ରୋଗରେ ପୀଡିତ ହେଇଥିଲେ। ବହୁ ସମୟରେ ସେ ଘରୁ ବାହାରକୁ ଯାଇ ଏଣେତେଣେ ବୁଲାବୁଲି କରି ଘରକୁ ଫେରୁଥିଲେ। ତାଙ୍କର ଏପରି ଅବସ୍ଥା ଦେଖି ତାଙ୍କ ସ୍ୱାମୀ ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନକୁ ନେଇ ଚିକିତ୍ସା କରାଇଥିଲେ । ମାତ୍ର ସ୍ୱାସ୍ଥ୍ୟବସ୍ଥାରେ କୌଣସି ସୁଧାର ଆସି ନ ଥିଲା। ସେ ଏକ ଠାକୁରଙ୍କ ଫଟୋକୁ ଧରି ଦୁଇ ଶିଶୁପୁତ୍ର ଓ ସ୍ୱାମୀଙ୍କୁ ଛାଡି କୁଆଡେ ପଳାଇଯାଇଥିଲେ। ସେତେବେଳେ ସ୍ଥାନୀୟ ଥାନାରେ ତାଙ୍କ ସ୍ୱାମୀ ଅଭିଯୋଗ କରିଥିଲେ । ଘଟଣାକ୍ରମେ ୨୦୦୫ରେ ଶ୍ରଦ୍ଧା ଚାରିଟେବୁଲ ଟ୍ରଷ୍ଟର ଜଣେ ସଦସ୍ୟ ମୁମ୍ବଇର କରିଯାତ ରେଳ ଷ୍ଟେସନରୁ ସୁମିତ୍ରାଙ୍କୁ ଉଦ୍ଧାର କରିଥିଲେ । ତାଙ୍କର ମାନସିକ ବିକୃତି ଥିବା ଜାଣି ସେ ତାଙ୍କୁ ଚେନ୍ନାଇ ସ୍ଥିତ ଇନଷ୍ଟିଚ୍ୟୁଟ ଅଫ୍ ମେଣ୍ଟାଲ ହସପିଟାଲକୁ ନେଇ ଭର୍ତ୍ତି କରିଥିଲେ । ଚିକିତ୍ସିତ ହେବାର କିଛି ବର୍ଷ ପରେ ତାଙ୍କ ମାନସିକ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ଆସିଥିଲା। କିଛି ଦିନ ତଳେ ଓଡ଼ିଶା ଶାଖା ଶ୍ରଦ୍ଧା ଚାରିଟେବୁଲ ଟ୍ରଷ୍ଟର ସଦସ୍ୟା ଲକ୍ଷ୍ମୀପ୍ରିୟା ବିଶୋଇ ଅନ୍ୟ ଜଣେ ମାନସିକ ବିକୃତ ରୋଗୀଙ୍କୁ ସେହି ଡାକ୍ତରଖାନାକୁ ଛାଡ଼ିବାକୁ ଯାଇଥିବା ବେଳେ ସେଠାରେ ସୁମିତ୍ରା ଓଡ଼ିଆ କହୁଥିବା ଦେଖି ତାଙ୍କ ସହିତ କଥା ହୋଇଥିଲେ। ସେ ଓଡ଼ିଶାର ଲୋକ ବୋଲି ଜାଣିବା ପରେ ଉଦ୍ଧାରକାରୀ ଟ୍ରଷ୍ଟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ । ସୁମିତ୍ରା ସାଧାରଣ ଅବସ୍ଥାକୁ ଫେରି ଆସିଥିବା ଡାକ୍ତର କହିବାରୁ ଲକ୍ଷ୍ମୀପ୍ରିୟା ତାଙ୍କୁ ଚେନ୍ନାଇରୁ ମୁମ୍ବାଇ ଆଣିଥିଲେ। ଟ୍ରଷ୍ଟର ସଦସ୍ୟା ଲକ୍ଷ୍ମୀପ୍ରିୟା ବିଶୋଇ ଓ ସରିତା ଦେଶମୁଖ ତାଙ୍କୁ ନେଇ ଗତ ୨୯ ତାରିଖରେ ମୁମ୍ବାଇରୁ ବାହାରିଥିଲେ। ମଙ୍ଗଳବାର ପୂର୍ବାହ୍ନ ୯ଟା ସମୟରେ ସୁମିତ୍ରା ନିଜ ଗ୍ରାମ ପାରିଆକୁଲିଠାରେ ଥିବା ପରିବାର ନିକଟରେ ପହଞ୍ଚିଥିଲେ। ପରିବାର ଲୋକେ ସୁମିତ୍ରାଙ୍କୁ ଦେଖି ଚିହ୍ନି ପାରିଥିଲେ। ସେ ମଧ୍ୟ ନିଜ ସ୍ୱାମୀ ଓ ସମ୍ପର୍କୀୟଙ୍କୁ ଚିହ୍ନି ଥିଲେ। କିନ୍ତୁ ନିଜର ଶିଶୁପୁତ୍ର ଦ୍ୱୟ ବଡ଼ ହୋଇ ଯାଇଥିବାରୁ ସେମାନଙ୍କୁ ଚିହ୍ନି ପାରି ନ ଥିଲେ। ପରେ ମା' ଓ ତାଙ୍କ ଦୁଇ ପୁଅଙ୍କ ମିଳନ ସମସ୍ତଙ୍କ ଆଖିରେ ଲୁହ ଭରି ଦେଇଥିଲା। ଏହି ଅବସରରେ ଗ୍ରାମବାସୀ ଶ୍ରଦ୍ଧା ଚାରିଟେବୁଲ ଟ୍ରଷ୍ଟକୁ ଧନ୍ୟବାଦ ଜଣାଇ ଏହାର ଦୁଇ ସଦସ୍ୟାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।